# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 April - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଶେଷ

— ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଓ ରାଜ୍ୟ ରାଜପଥ ପ୍ରାଧିକରଣ ବିଧେୟକକୁ ମିଳିଲା ଗୃହର ମଞ୍ଜୁରୀ

- ଖୋର୍ଦ୍ଧା ଜିଲ୍ଲାରେ ୧୧ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ମାଓ ପ୍ରଭାବିତ ଜିଲ୍ଲା ସଂଖ୍ୟା ହ୍ରାସ ପାଇଥିବା ସୂଚନା ଦେଇଛନ୍ତି ପୋଲିସ୍ ମହାନିର୍ଦ୍ଦେଶକ

ଏବଂ

- ଓଡ଼ିଆ ପକ୍ଷ ଅବସରରେ ଆଜି ପାଳିତ ହେଉଛି 'ଆମ ପୋଷାକ-ଆମ ପରିଚୟ' ଦିବସ

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ତଥା ବଜେଟ୍ ଅଧିବେଶନ ଗତକାଲି ଶେଷ ହୋଇଛି। ବାଚସ୍ପତି ସୁରମା ପାଢ଼ୀ ୩ଟି କାର୍ଯ୍ୟ ଦିବସ ପୂର୍ବରୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ମଧ୍ୟରୁ ୨୫ଟି କାର୍ଯ୍ୟଦିବସ ଚାଲିପାରିଥିଲା। ଗୃହତ ୨୫ତମ କାର୍ଯ୍ୟଦିବସରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଧେୟକ-୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫ ବିଧାନସଭାରେ ପାରିତ ହୋଇଛି। ଗୃହରେ ଆଜି ପ୍ରାତଃ ୪ଟା ୩୫ ମିନିଟ୍‌ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଧେୟକ୨୦୨୪ ପାରିତ ହୋଇଛି। ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା । ବିଧେୟକରେ ୧୮ଟି ସଂଶୋଧନ ପ୍ରସ୍ତାବ ମଧ୍ୟରୁ ୧୨ଟିକୁ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇଥିଲା । ଏହି ବିଲ୍‌କୁ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମୋଟ୍ ୩୫ ପ୍ରତିଶତ ଶିକ୍ଷକ ପଦବୀ ଓ ୨୯ ପ୍ରତିଶତ ଅଣଶିକ୍ଷକ ପଦବୀ ଖାଲି ରହିଛି।

୮ଟି ସରକାରୀ ବିଶ୍ୱବିଦ୍ୟାଳର ନାକ୍ ମାନ୍ୟତା ଥିବାବେଳେ ୯ଟିର ନାକ୍ ମାନ୍ୟତା ନାହିଁ। ତେବେ ଏହି ସବୁ ପଦବୀ ପୂରଣ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଅଣାଯାଇଛି। ଶାସକ ଦଳର ବିଧାୟକ ଇରାଶୀଷ ଆଚାର୍ଯ୍ୟ କହିଛନ୍ତି, ଗଣତନ୍ତ୍ର ପୁଣି ବିଧାନସଭାରେ ପ୍ରତିଷ୍ଠା

ହୋଇଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଏହାକୁ ସ୍ୱାୟତ୍ତ କରିବ। ଗୃହରେ ଶାସକ ଦଳର ସଂଖ୍ୟା ଆଧାରରେ ବିଲ୍‌ଟି ଗୃହୀତ ହୋଇଛି । ବିଲ୍ ପାରିତ ହେଲାବେଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ପରିଷଦର ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ସଂଶୋଧନ ବିଧେୟକ-କେନ୍ଦ୍ରମନ୍ତ୍ରୀ

ରାଜ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଧେୟକ-୨୦୨୪କୁ ମଞ୍ଜୁରୀ ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାରେ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତାକୁ ସମ୍ମାନ ଦେବା ସହ ଶିକ୍ଷାକୁ ସର୍ବବ୍ୟାପୀ କରିବା ଓ ଶିକ୍ଷାର ଗୁଣାତ୍ମକ ମାନରେ ଏହା ସହାୟକ ହେବ।

ସେ କହିଛନ୍ତି, ବିଶ୍ୱବିଦ୍ୟାଳୟ ସଂଶୋଧନ ବିଧେୟକରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସଂଶୋଧନ କରାଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଶାସନର ଆଧୁନିକୀକରଣ, ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ପ୍ରଶାସନ ସୁନିଶ୍ଚିତ କରିବା ଓ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ବିଷୟକୁ ଅଗ୍ରାଧିକାର ଦିଆଯାଇଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟରେ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାର ସାମଗ୍ରୀକ ବିକାଶ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ।

## ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି **ଖୋର୍ଦ୍ଧା** ଜିଲ୍ଲା ହଳଦୀପଡା ଓ ଅରାଙ୍ଗ ଅଞ୍ଚଳରେ ୧୧ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଚ ଓ ଇଂଜିନିୟରିଂ କାରଖାନାର ଶୁଭ ଦେଇଛନ୍ତି । ସୂଚନା ଅନୁଯାୟୀ,  ଏହି ଶିଳ୍ପଗୁଡ଼ିକ ମଧ୍ୟରୁ ଜୁପିଟର ରେଳ ହ୍ୱିଲ୍ କାରଖାନାରେ ୩ ହଜାର ୫୦୦ କୋଟି ଟଙ୍କା ନିବେଶ କରାଯିବାକୁ ଯୋଜନା ରହିଥିବାବେଳେ ସେଥିରେ ୨ ହଜାର ୧୦୦ଟି ନିଯୁକ୍ତି ସୁଯୋଗ ରହିଛି । ସେହିପରି ୫୩୫ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଶାଲିମାର କମ୍ପାନୀରେ ୪୦୦ ଓ ଏକ ପାନୀୟ ଜଳ ପ୍ରକଳ୍ପରେ ୫୫୦ ଲୋକଙ୍କ ନିଯୁକ୍ତି ସୁଯୋଗ ରହିଥିବା ଜଣାପଡିଛି ।

# ଏଫ୍‌ଏମ୍-ପିପିଏଫ୍ ଗେଜେଟ୍

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ-ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନି ସଂଶୋଧନ କରିବାକୁ ଏଣିକି କୌଣସି ଦେୟ ଦେବାକୁ ପଡିବ ନାହିଁ । ସରକାରୀ ସଂଚୟ ପ୍ରୋତ୍ସାହନ ସାଧାରଣ ନିୟମ ୨୦୧୮ରେ ଏନେଇ ଆବଶ୍ୟକ ସଂଶୋଧନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି

ସୂଚନା ପ୍ରଦାନ କରି କହିଛନ୍ତି ସଂଶୋଧିତ ୨୦୧୮ ନିୟମ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଏହି ସଂଶୋଧନ ଗତକାଲିଠାରୁ ଲାଗୁ ହୋଇଛି । ସୂଚନାଯୋଗ୍ୟ ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନିଙ୍କ ନାମ ପରିବର୍ତ୍ତନ ନିମନ୍ତେ ପୂର୍ବରୁ ୫୦ ଟଙ୍କା ଶୁଳ୍କ ଆଦାୟ କରାଯାଉଥିଲା ।

## ଲୋକସଭା - ୱାକଫ୍ ବିଲ୍

ରାଜ୍ୟସଭା ଅପରାହ୍ଣ ଅଧିବେଶନରେ ଆଜି ୱାକଫ୍ ସଂଶୋଧନ ବିଲ୍ ଆଗତ ହୋଇଛି। ରାଜ୍ୟସଭା ଅଧ୍ୟକ୍ଷ ଆଜି ଅଧିବେଶନ ପ୍ରଥମାର୍ଦ୍ଧରେ ୱାକଫ ସଂଶୋଧନ ବିଲ୍ ଉପସ୍ଥାପନ କରିଛନ୍ତି।

ଲୋକସଭାରେ ଗତକାଲି ୱାକଫ୍ ସଂଶୋଧନ ବିଲ୍-୨୦୨୫କୁ ମଞ୍ଜୁରୀ ମିଳିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ଏହି ବିଲ୍ ଆଗତ କରିବା ପରେ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଲ୍ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନାରେ ବିରୋଧୀ ଏବଂ ସରକାରୀ ଦଳର ସଦସ୍ୟମାନେ ଭାଗ ନେଇ ବିଲ୍‌ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ସଂଶୋଧନ ବିଧେୟକ ମୁସଲ୍‌ମାନମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହିତ ଜଡିତ ନୁହେଁ ବୋଲି ଶ୍ରୀ ରିଜିଜୁ କହିଥିଲେ।

## ପୋଲିସ୍ ଡିଜି

ରାଜ୍ୟରେ ମାଓପ୍ରଭାବିତ ଜିଲ୍ଲା ସଂଖ୍ୟା ୭କୁ ହ୍ରାସ ପାଇଥିବା ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା କହିଛନ୍ତି। ସମ୍ବଲପୁର ଉତ୍ତରାଞ୍ଚଳ ଆଇ.ଜି. କାର୍ଯ୍ୟାଳୟରେ ଆଜି ଆଇନ୍‌ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା

ଅବସରରେ ସେ କହିଛନ୍ତି, ମାଓ ବିରୋଧୀ ଅଭିଯାନରେ ପୋଲିସ୍‌କୁ ବଡ଼ ସଫଳତା ମିଳିଛି।  ବୈଠକରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବଲାଙ୍ଗିର ଜିଲ୍ଲାର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରାଯାଇଥିବା ଜଣାପଡିଛି। ଏଥିରେ ଏଡିଜି ସଞ୍ଜୟ କୁମାର, ୫ଟି ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଏବଂ ଉତ୍ତରାଞ୍ଚଳ ଆଇ.ଜି. ଉପସ୍ଥିତ ଥିଲେ। ଶ୍ରୀ ଖୁରାନିୟା ସମ୍ବଲପୁର ଜିଲ୍ଲାରେ ହେବାକୁ ଥିବା ରାମନବମୀ ଓ ହନୁମାନ ଜୟନ୍ତୀ ସମୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ମାଓବିରୋଧି ଅଭିଯାନ ଚାଲିଥିବା ସମ୍ପର୍କରେ ସୂଚନା ଦେଇ ଶ୍ରୀ ଖୁରାନିୟା ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି,

**-V/O-***(Y.B.Khuraniya)*

ଆଜି ସକାଳେ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିୟା ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ଏକ କାର୍ଯ୍ୟକ୍ରମରେ ୭ ଜଣଙ୍କୁ ଡିଜିପି ଡିସ୍କ ପ୍ରଦାନ କରିଛନ୍ତି।

## ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ତୃତୀୟ ଦିନରେ ଆଜି 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ ନିମନ୍ତେ ସରକାର ସ୍ଥିର କରିଛନ୍ତି । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି। ସମ୍ବଲପୁରୀ,

ସୋନପୁରୀ, ବୋମ୍‌କାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହ ଖୋର୍ଦ୍ଧା ଲୁଙ୍ଗି ଏବଂ ଗାମୁଛା ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି। ରାଜ୍ୟର ହସ୍ତତନ୍ତ ପୋଷାକର ପ୍ରଦର୍ଶନ ସହିତ ସାଧାରଣ ନାଗରିକ ଓ ସରକାରୀ ଅଫିସ୍ କର୍ମଚାରୀମାନଙ୍କୁ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଉତ୍ସାହିତ କରାଯାଉଛି । ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକ, ଉତ୍କଳିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ୨୦ରୁ ୩୦ ପ୍ରତିଶତ ରିହାତି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ମିଳିବ ବୋଲି ଏକ ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି ।

**ଭଦ୍ରକ** ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ପ୍ରୟାସରେ 'ଆମ ପୋଷାକ-ଆମ ପରିଚୟ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଏହି ଅବସରରେ ଉତ୍କଳୀୟ ପରମ୍ପରାର ପ୍ରତୀକ ହସ୍ତତନ୍ତ ବସ୍ତ୍ର ପରିଧାନ କରିବାକୁ ଆହ୍ୱାନ ଦେଇଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସୋନପୁରୀ ଓ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

**ନବରଙ୍ଗପୁର** ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଏବଂ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଏହି ଦିବସ ପାଳନ ଅବସରରେ ପାରମ୍ପରିକ ଓଡ଼ିଆ

ଧୋତି ଓ କୁର୍ତ୍ତା ପରିଧାନ କରିଛନ୍ତି। ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ସହ ଆଂଚଳିକ ଭିତ୍ତିରେ ପୋଷାକ ପରିଧାନ ଉପରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଛନ୍ତି। ଆସନ୍ତା ୧୩ ତାରିଖରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜନଜାତୀୟ ଖାଦ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ସ୍ୱତନ୍ତ୍ର ୱେବସାଇଟ୍

ରାଜ୍ୟରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟ ଆରମ୍ଭ କରାଯାଇଛି। ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସମସ୍ତ ବିବରଣୀ ସହ କୁଇଜ୍ ରଖାଯାଇଛି। ଏଥିରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ୍ ଜରିଆରେ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏଥିସହିତ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ଼ କରାଯାଇପାରୁଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ।

## ରାଜଧାନୀ ପ୍ରତିଷ୍ଠା ଦିବସ

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଚଳିତବର୍ଷ ୨ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ଚଳିତମାସ ୧୩ ତାରିଖ ରାଜଧାନୀ ପ୍ରତିଷ୍ଠା ଦିବସରେ ବିଧାନସଭା ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବେ। ପରେ ବିଭିନ୍ନ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରେଡ୍‌ରେ ଅଂଶଗ୍ରହଣ କରିବେ। ୧୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯିବ।  ଅପ୍ରେଲ ୧୪ ଓଡ଼ିଆ ନୂଆବର୍ଷ ଅବସରରେ ରାଜଧାନୀ ପ୍ରତିଷ୍ଠା ଦିବସର ଦ୍ୱିତୀୟ ଦିନରେ ଉତ୍କଳ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ମନମୋହନ ସାମଲ-ସୁବର୍ଣ୍ଣପୁର ଗସ୍ତ

**ସୁବର୍ଣ୍ଣପୁର** ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ଉପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଆଜି ଜିଲ୍ଲା ଗସ୍ତରେ ଆସି ଶ୍ରୀ ସାମଲ ବିଜେପିର ପ୍ରତିଷ୍ଠା ଦିବସ ସହ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ।

## ଔଷଧ ପ୍ରଦାନ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ହସ୍‌ପିଟାଲ ପରିସରରେ ଥିବା ନୋଡାଲ ଡି.ଆର.ଟି.ବି. କେନ୍ଦ୍ରରେ ଯକ୍ଷ୍ମାରୋଗୀଙ୍କୁ ବିପାଲଏମ୍ ନୂତନ ରେଜିମେଣ୍ଟର ଔଷଧ ପ୍ରଦାନ କରାଯାଇଛି। ଏଥିରେ ନୂଆ ଓ ପୁରୁଣା ଯକ୍ଷ୍ମାରୋଗୀଙ୍କୁ ଔଷଧ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଥିବା ବିଭାଗୀୟ ମୁଖ୍ୟ ଡାକ୍ତର ପ୍ରିୟଙ୍କା ଦାସ କହିଛନ୍ତି। ପ୍ରଥମ ଦିନ ୩ ଜଣଙ୍କୁ ଔଷଧ ଦିଆଯାଇଥିବାବେଳେ ଅନ୍ୟ ୨ ଜଣଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି।

## ନୂଆପଡା ଗସ୍ତ

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଦିନିକିଆ ନୂଆପଡା ଜିଲ୍ଲା ଗସ୍ତରେ ଆସି ବୈଷ୍ଣୋ ଦେବୀ ମନ୍ଦିର ଦର୍ଶନ କରିଛନ୍ତି। ପରିବାର ସହ ଆସିଥିବା ଶ୍ରୀ ସାଏ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୁସମ୍ପର୍କ ରହିଛି। ଆଗାମୀ ଦିନରେ ଏହା ଆହୁରି ଦୃଢ଼ୀଭୂତ ହେବ।

**********************************